ରାଜେଶ କୁମାର ଶର୍ମା

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଫେବୃଆରୀ 2, 2007

[ଡଃ. ଅରିଜିତ ପଶାୟତ ଏବଂ ଏସ୍.ଏଚ୍. କପାଡ଼ିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ସୀମା ଶୁଳ୍କ ଅଧିନିୟମ, 1962; ଧାରା 35 (1) (a)/ସୀମା ଶୁଳ୍କ (ଅପରାଧର ରଫା) ନିୟମ, 2005; ନିୟମ 5/ପରିପତ୍ର ସଂଖ୍ୟା 54/2005 — ଡିସେମ୍ବର 30, 2005 ତାରିଖର ସି ୟୁ ଏସ୍ ଏହା ଅଧୀନରେ ଜାରି କରାଯାଇଛି :*

*ସୀମା ଶୁଳ୍କ ଅଧିନିୟମ ଅନୁଯାୟୀ କରାଯାଇଥିବା ଅପରାଧର ରଫା — ନିୟମ 5 ଅନୁଯାୟୀ ବୁଝାମଣା ରାଶି ସ୍ଥିର କରିବା — ଅନୁମୋଦନୀୟ ସୀମା — ବ୍ୟାଖ୍ୟା — ଦର୍ଶାଯାଇଛି : ଅପରାଧର ରଫା କରିବାର ଉଦ୍ଦେଶ୍ୟ ହେଉଛି ମାଲିମକଦ୍ଦମାକୁ ରୋକିବା ଏବଂ ବିବାଦର ଶୀଘ୍ର ସମାଧାନକୁ ପ୍ରୋତ୍ସାହିତ କରିବା — ନିୟମ 5 ଅନୁଯାୟୀ ବୁଝାମଣା ରାଶି ସ୍ଥିର କରିବାରେ 'ପର୍ଯ୍ୟନ୍ତ' ଉଭୟ ଦ୍ରବ୍ୟର ବଜାର ମୂଲ୍ୟର 20% କିମ୍ବା ଦଶ ଲକ୍ଷ ଟଙ୍କା ପାଇଁ ପ୍ରଯୁଜ୍ୟ ନୁହେଁ, କିନ୍ତୁ 'ଯାହା ଅଧିକତର ଅଟେ' ବାକ୍ୟାଂଶ ସହିତ ପଢିବାକୁ ପଡ଼ିବ — ଆବେଦନର ଯୋଗ୍ୟତା ନାହିଁ, ତେଣୁ ଖାରଜ ହୋଇଛି — ବିଧାନର ବ୍ୟାଖ୍ୟା ।*

**ଆବେଦନକାରୀ ସୀମା ଶୁଳ୍କ ଅଧିନିୟମ, 1962 ର ଧାରା 135 (1) (a) ଅନୁଯାୟୀ ତାଙ୍କ ଦ୍ୱାରା କରାଯାଇଥିବା ଅପରାଧର ରଫା ପାଇଁ ଆବେଦନ କରିଥିଲେ । ବୁଝାମଣା କର୍ତ୍ତୃପକ୍ଷ ବୁଝାମଣା ରାଶି ଭାବେ ଦଶ ଲକ୍ଷ ଟଙ୍କା ଲାଗୁ କରିଥିଲେ । କର୍ତ୍ତୃପକ୍ଷଙ୍କ ଆଦେଶକୁ ଆବେଦନକାରୀଙ୍କ ଦ୍ୱାରା ଏହି ଆଧାରରେ ଆପତ୍ତି କରାଯାଇଥିଲା ଯେ, ଏହିପରି ସ୍ଥିର ହୋଇଥିବା ବୁଝାମଣା ପରିମାଣ ଅନୁମୋଦିତ ସୀମା ବାହାରେ ଅଟେ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ ବର୍ତ୍ତମାନର ସ୍ୱତନ୍ତ୍ର ଅନୁମତି ଆବେଦନ I**

**ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ, ବୁଝାମଣା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ବୁଝାମଣା ପରିମାଣର ବିସ୍ତାରକ୍ଷେତ୍ର ଅନୁମୋଦିତ ସୀମା ବାହାରେ ଥିଲା ଏବଂ ଏହା ଘୋଷିତ ହୋଇଥିବା**

**ବଜାର ମୂଲ୍ୟର 20% ହେବା ଉଚିତ ଥିଲା; ଏବଂ ଯେହେତୁ ବୁଝାମଣା କରିବାର ଉଦ୍ଦେଶ୍ୟ ଅନାବଶ୍ୟକ ମାଲିମକଦ୍ଦମାକୁ ରୋକିବା, ଯଦି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା ଯେ, ସାମଗ୍ରୀର ପରିମାଣ ବଜାର ମୂଲ୍ୟର 20 % ପର୍ଯ୍ୟନ୍ତ କିମ୍ବା Rs.10,00,000/- ଯାହା ଅଧିକତର ଅଟେ ତାହା ଗ୍ରହଣ କରାଯାଏ, ତାହା ବିପରୀତ ଫଳପ୍ରଦ ହେବ ।**

**ଏହି ଅପିଲକୁ ଖାରଜ କରି, ଏହି ନ୍ୟାୟାଳୟ**

**ଦର୍ଶାଇଛନ୍ତି : 1.1. ବୁଝାମଣା ରାଶି ପ୍ରଦାନ ବିରୁଦ୍ଧରେ ଅପରାଧର ରଫା କରିବାର ଉଦ୍ଦେଶ୍ୟ ହେଉଛି ମାଲିମକଦ୍ଦମାକୁ ରୋକିବା ଏବଂ ବିବାଦର ଶୀଘ୍ର ସମାଧାନକୁ ପ୍ରୋତ୍ସାହିତ କରିବା । [ଅନୁଚ୍ଛେଦ-6] | 247-C]**

**1.2. ସୀମା ଶୁଳ୍କ ନିୟମାବଳୀର ନିୟମ 5ର ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ହେଉଛି "ଯାହା ଅଧିକତର ଅଟେ"। ଆବେଦନକାରୀଙ୍କ ଅନୁଯାୟୀ, "ପର୍ଯ୍ୟନ୍ତ" ଶବ୍ଦଟି ଉଭୟ ସାମଗ୍ରୀର ବଜାର ମୂଲ୍ୟର 20 % କିମ୍ବା ଦଶ ଲକ୍ଷ ଟଙ୍କା ପାଇଁ ପ୍ରଯୁଜ୍ୟ ଅଟେ । ପରାମର୍ଶ ଅନୁଯାୟୀ ଏହି ବ୍ୟାଖ୍ୟା ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଯଦି ପ୍ରସ୍ତାବିତ ବ୍ୟାଖ୍ୟା ଗ୍ରହଣ କରାଯାଏ, ତେବେ ଏହା "ଯାହା ଅଧିକତର ଅଟେ" ଅଭିବ୍ୟକ୍ତିଟିକୁ ନିରର୍ଥକ କରିଦେବ । [ଅନୁଚ୍ଛେଦ 7] [247-G]**

ଦେୱାନୀ ଅପିଲ ଅଧିକାରିତା :ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 21435/2006 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 14639/2006ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 15.9.2006 ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ରାଜୀବ କ୍ରି. ତିୱାରୀ, କୁମାର ପରିମଲ ଏବଂ ପି.ଭି. ଯୋଗେଶ୍ୱରନ ।

ନ୍ୟାୟାଳୟଙ୍କର ରାୟଟି **ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

1. ଯଦିଓ ଆମେ ଅନୁମତି ଦେଉ ନାହୁଁ, ଅନେକ ମାମଲାରେ ଏହି ସ୍ୱତନ୍ତ୍ର ଅନୁମତି ଆବେଦନରେ ନିଆଯାଇଥିବା ଆଳର ପୁନରାବୃତ୍ତି ଦୃଷ୍ଟିରୁ, ଏକ ବିସ୍ତୃତ ଆଦେଶ ଦ୍ୱାରା ଆବେଦନର ଫଏସଲା କରାଯାଉଛି ।

2. ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରୁଥିବା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି । ରିଟ୍ ଆବେଦନରେ ଗୁଜୁରାଟ ମଣ୍ଡଳ, ଅହମ୍ମଦାବାଦର ସୀମା ଶୁଳ୍କ ମୁଖ୍ୟ ଆୟୁକ୍ତଙ୍କ ଦ୍ୱାରା ପାରିତ ହୋଇଥିବା 28 ଜୁଲାଇ, 2006 ତାରିଖର ଆଦେଶକୁ ଆପତ୍ତି କରାଯାଇଥିଲା I

3. ପୃଷ୍ଠଭୂମିର ତଥ୍ୟ ସଂକ୍ଷେପରେ ନିମ୍ନରେ ଦିଆଗଲା :

ଆବେଦନକାରୀ ତାଙ୍କ ଦ୍ୱାରା କରାଯାଇଥିବା ଏକ ଅପରାଧର ରଫା ପାଇଁ ସୀମା ଶୁଳ୍କ ଅଧିନିୟମ, 1962(ସଂକ୍ଷେପରେ 'ଅଧିନିୟମ')ର ଧାରା 135 (1) (a) ଅନୁଯାୟୀ ଆବେଦନ କରିଥିଲେ । ଆବେଦନକାରୀ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ବିଚାର କରିବା ପରେ, ବୁଝାମଣା କର୍ତ୍ତୃପକ୍ଷ ଆବେଦନକୁ ଅନୁମତି ଦେଇଥିଲେ ଏବଂ 10,00,000/- ଟଙ୍କାର ବୁଝାମଣା ରାଶି ଲାଗୁ କରିଥିଲେ । ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ରିଟ୍ ଆବେଦନରେ ନିଆଯାଇଥିବା ଆଭିମୁଖ୍ୟ ଥିଲା ଯେ, ସ୍ଥିର ହୋଇଥିବା ବୁଝାମଣା ପରିମାଣ ଅନୁମୋଦିତ ସୀମା ବାହାରେ ଅଛି । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ଆଳକୁ ଖାରଜ କରାଯାଇଛି ।

4. ଏହି ଆବେଦନର ସମର୍ଥନରେ କୁହାଯାଇଛି ଯେ, ବୁଝାମଣା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ବୁଝାମଣା ପରିମାଣର ବିସ୍ତାରକ୍ଷେତ୍ର ଅନୁମୋଦିତ ସୀମା ବାହାରେ ଥିଲା । ଏହା ଉପସ୍ଥାପିତ ହୋଇଛି ଯେ, ଯେଉଁ ସାମଗ୍ରୀର ବଜାର ମୂଲ୍ୟ ଘୋଷଣା କରାଯାଇ ନଥିଲା, ତାହା 8,45,176/- ଥିଲା ଏବଂ ସେଥିପାଇଁ ଏହା ଉକ୍ତ ବଜାର ମୂଲ୍ୟର 20 % ହେବା ଉଚିତ ଥିଲା ।

5. ଏହା କୁହାଯାଇଛି ଯେ, ଯେହେତୁ ବୁଝାମଣା କରିବାର ଉଦ୍ଦେଶ୍ୟ ହେଉଛି ଅନାବଶ୍ୟକ ମାଲିମକଦ୍ଦମାକୁ ରୋକିବା, ଯଦି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା ଯେ, ଅଭିଳାଷିତ ପରିମାଣ ସାମଗ୍ରୀର ବଜାର ମୂଲ୍ୟର 20 % କିମ୍ବା 10,00,000/- ଯାହା ଅଧିକତର ଅଟେ ତାହା ଗ୍ରହଣ କରାଯିବା ବିପରୀତ ଫଳପ୍ରଦ ହେବ ।

6. ବୁଝାମଣା ପାଇଁ ନିର୍ଦ୍ଦେଶାବଳୀଗୁଡିକ 30 ଡିସେମ୍ବର, 2005 ତାରିଖରେ ପରିପତ୍ର ସଂଖ୍ୟା 54/2005-Cus ରେ ଅନ୍ତର୍ଭୁକ୍ତ ହୋଇଛି । କେନ୍ଦ୍ର ସରକାର ସୀମା ଶୁଳ୍କ (ଅପରାଧର ରଫା) ନିୟମାବଳୀ 2005 (ସଂକ୍ଷେପରେ 'ସୀମା ଶୁଳ୍କ ନିୟମାବଳୀ') ଏବଂ କେନ୍ଦ୍ରୀୟ ଉତ୍ପାଦ ସୀମା ଶୁଳ୍କ (ଅପରାଧର ରଫା) ନିୟମାବଳୀ, 2005) (ସଂକ୍ଷେପରେ 'କେନ୍ଦ୍ରୀୟ ଉତ୍ପାଦ ସୀମା ଶୁଳ୍କ ନିୟମାବଳୀ') କୁ 30 ଡିସେମ୍ବର 2005 ରୁ ଲାଗୁ କରିଥିଲେ । ବୁଝାମଣା ରାଶି ପ୍ରଦାନ ବିରୁଦ୍ଧରେ

ଅପରାଧର ରଫା କରିବାର ଉଦ୍ଦେଶ୍ୟ ହେଉଛି ମାଲିମକଦ୍ଦମାକୁ ରୋକିବା ଏବଂ ବିବାଦର ଶୀଘ୍ର ସମାଧାନକୁ ପ୍ରୋତ୍ସାହିତ କରିବା । ଯେଉଁ ମାମଲାଗୁଡ଼ିକରେ ବୁଝାମଣା ପ୍ରତ୍ୟାଖ୍ୟାନ କରାଯିବ ସେଗୁଡ଼ିକ ମଧ୍ୟ ଉକ୍ତ ପରିପତ୍ରରେ ବର୍ଣ୍ଣିତ ହୋଇଛି । ପ୍ରାସଙ୍ଗିକ ନିୟମାବଳୀ ହେଉଛି ସୀମା ଶୁଳ୍କ ନିୟମାବଳୀର ନିୟମ 5, ଯାହା ଯେତେଦୂର ପ୍ରାସଙ୍ଗିକ, ନିମ୍ନରେ ଦିଆଗଲା :

> *ବୁଝାମଣା ରାଶି ନିର୍ଦ୍ଧାରଣ* – ଅଧିନିୟମର ବିଭିନ୍ନ ବ୍ୟବସ୍ଥାଗୁଡିକ ଅନୁଯାୟୀ ଅପରାଧଗୁଡ଼ିକର ବୁଝାମଣା ଉଦ୍ଦେଶ୍ୟରେ, ବୁଝାମଣା ରାଶି ନିମ୍ନରେ ପ୍ରଦାନ କରାଯାଇଥିବା ପରି ହେବ : -
>
> (1) ( 3) XXX XXX XXX
>
> (4) ଅଧିନିୟମର ଧାରା 135 (1) (a) ଅନୁଯାୟୀ ଅପରାଧ ନିର୍ଦ୍ଦିଷ୍ଟ କରାଯାଇଛି । *ଦ୍ରବ୍ୟର ବଜାର ମୂଲ୍ୟର କୋଡ଼ିଏ % ପର୍ଯ୍ୟନ୍ତ କିମ୍ବା ଦଶ ଲକ୍ଷ ଟଙ୍କା ଯାହା ଅଧିକତର ଅଟେ ହେବ।*
>
> (5) (7) XXX XXX XXX
>
> (ଗୁରୁତ୍ୱ ଦେବା ପାଇଁ ରେଖାଙ୍କିତ)

7. ଏହି ନିୟମର ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକ ହେଉଛି "ଯାହା ଅଧିକତର ଅଟେ"। ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଅନୁଯାୟୀ, "ପର୍ଯ୍ୟନ୍ତ" ଶବ୍ଦଟି ସାମଗ୍ରୀର ବଜାର ମୂଲ୍ୟର 20 % କିମ୍ବା ଦଶ ଲକ୍ଷ ଟଙ୍କା ଉଭୟ ପାଇଁ ପ୍ରଯୁଜ୍ୟ ଅଟେ । କୁହାଯାଇଥିବା ଅନୁଯାୟୀ ଏହି ବ୍ୟାଖ୍ୟା ସ୍ପଷ୍ଟ ଭାବରେ ଗ୍ରହଣୀୟ ନୁହେଁ । ଯଦି ପ୍ରସ୍ତାବିତ ବ୍ୟାଖ୍ୟାକୁ ଗ୍ରହଣ କରାଯାଏ, ତେବେ ଏହା "ଯାହା ଅଧିକତର ଅଟେ" ଅଭିବ୍ୟକ୍ତିଟିକୁ ନିରର୍ଥକ କରିଦେବ । ଅନିବାର୍ଯ୍ୟ ଉପସଂହାରଟି ହେଉଛି ଯେ, ଆବେଦନଟିର ଯୋଗ୍ୟତା ନାହିଁ, ଖାରଜ ଯୋଗ୍ୟ, ଯାହାକୁ ଆମେ ନିର୍ଦ୍ଦେଶ ଦେଉଛୁ ।

ଏସ୍.କେ.ଏସ୍. ଅପିଲ ଖାରଜ ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**<u>ଅନୁବାଦକ</u>**

**କଲ୍ୟାଣକର ସାହୁ**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**